ଗ୍ରାମୀଣ କୃଷି ମୌସମ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

ପତ୍ର ସଂ –୩୦/୨୦୨୪ | ସପ୍ତାହ-୧୫ | ଶୁକ୍ରବାର, ତାରିଖ-୧୨.୦୪.୨୦୨୪

## ନୂଆପଡ଼ା ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ:

| ଜିଲ୍ଲା | ତାରିଖ | ବର୍ଷା ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା ($^0$ସେ.) | ସର୍ବନିମ୍ନ ତାପମାତ୍ରା ($^0$ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| ନୂଆପଡ଼ା | ୧୩-୦୪-୨୦୨୪ | ୪ | ୨୯ | ୨୦ | ୬ | ୫୦ | ୩୧ | ୬ | ୨୧୦ |
| | ୧୪-୦୪-୨୦୨୪ | ୦ | ୩୨ | ୨୨ | ୨ | ୫୧ | ୨୬ | ୮ | ୨୭୯ |
| | ୧୫-୦୪-୨୦୨୪ | ୦ | ୩୬ | ୨୪ | ୧ | ୪୨ | ୨୬ | ୬ | ୨୫୨ |
| | ୧୬-୦୪-୨୦୨୪ | ୦ | ୩୯ | ୨୫ | ୧ | ୩୫ | ୨୨ | ୬ | ୨୫୨ |
| | ୧୭-୦୪-୨୦୨୪ | ୦ | ୪୦ | ୨୫ | ୧ | ୩୭ | ୧୮ | ୭ | ୨୫୫ |

ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬

### ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତୀୟ ପାଣିପାଗ ବିଭାଗର ଉପରୋକ୍ତ ଆକଳନ ଅନୁସାରେ ଆସନ୍ତା କାଲି ହାଲୁକା ବର୍ଷା ହେବାର ସମ୍ଭାବନା ସହିତ ପରବର୍ତୀ ଦିନ ଗୁଡିକରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ଆଶଙ୍କା ରହିଛି । ରବିବାର ଠାରୁ ଆକାଶ ମୁଖ୍ୟତଃ ନିର୍ମଳ ରହିବା ସହିତ ଉକ୍ତ ଦିନଗୁଡ଼ିକରେ ପବନ ପବନ ଦକ୍ଷିଣ-ପଶ୍ଚିମ ରୁ ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ସର୍ବାଧିକ ୦୦୮ କି.ମି. ବେଗରେ ବହିବାର ଆଶଙ୍କା ରହିଛି । ଆସନ୍ତା ପାଞ୍ଚ ଦିନରେ ଦିନର ସର୍ବାଧିକ ତାପମାତ୍ରା ୨୯ – ୪୦ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୦ - ୨୫ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୩୫ – ୫୧ % ଓ ୧୮ – ୩୧ % ରହିବ ବୋଲି ଆଶା କରାଯାଏ ।

**ଚେତାବନୀ :** ନାହିଁ

### ସାଧାରଣ ପରାମର୍ଶ

- ଭାରତୀୟ ପାଣିପାଗ ବିଭାଗର ସମ୍ପ୍ରସାରିତ ପୂର୍ବାନୁମାନ ଅନୁସାରେ ଓଡ଼ିଶାରେ ଆସନ୍ତା ସପ୍ତାହରେ (ଏପ୍ରିଲ ୧୨ ରୁ ଏପ୍ରିଲ ୧୮ ) ଦିନର ସର୍ବାଧିକ ତାପମାତ୍ରା ସାଧାରଣ ତାପମାତ୍ରା ଠାରୁ ୩ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ଆଶଙ୍କା ରହିଛି। ଏପ୍ରିଲ ୧୯ ରୁ ୨୫ ତାରିଖ (ଦ୍ଵିତୀୟ ସପ୍ତାହ) ମଧ୍ୟରେ ଓଡ଼ିଶାରେ ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ଓ କିଛି କିଛି ସ୍ଥାନରେ ଉଷ୍ଣ ଲହରୀ ବହିବାର ସମ୍ଭାବନା ରହିଛି ଏବଂ ଏହି ଅବଧିରେ କିଛି କିଛି ସ୍ଥାନରେ ଦିନର ସର୍ବାଧିକ ତାପମାତ୍ରା ସାଧାରଣ ତାପମାତ୍ରା ଠୁ ସାମାନ୍ୟ ଅଧିକ ରହିବାର ଆଶଙ୍କା ରହିଛି। ତେଣୁ ଚାଷୀ ଭାଇ ଓ ଭଉଣୀମାନେ ପାଣିପାଗ ପୂର୍ବାନୁମାନ କୁ ଆଧାର କରି କୃଷି ଭିତ୍ତିକ ବିଭିନ୍ନ କାର୍ଯ୍ୟକଳାପ ନିର୍ଧାରଣ କରନ୍ତୁ।
- ଆସନ୍ତା ସପ୍ତାହରେ ପାଣିପାଗ ପୂର୍ବାନୁମାନ କୁ ଆଧାର କରି ରବିବାର ଠାରୁ ଜମିରେ ରସାୟନିକ ଔଷଧ ଓ ସାରର ପ୍ରୟୋଗ ପୁନଃ ଆରମ୍ଭ କରି ପାରିବେ ।
- ମାଟିରେ ଥିବା ବତରକୁ ଉପଯୋଗ କରି ଛିଡ଼ା ହେଇଥିବା ଫସଲ ଓ ପନିପରିବାରେ ଘାସ ନିୟନ୍ତ୍ରଣ ପାଇଁ ମାଟି ଖୋଳି ଘାସ ବାଛି ଦିଅନ୍ତୁ ।
- କୀଟ ସଂଖ୍ୟା ଉପରେ ନଜର ରଖିବା ପାଇଁ ଆଲୋକ ଯନ୍ତା ବ୍ୟବହାର କରନ୍ତୁ । ଏହାଦ୍ଵାରା ଉପକାରୀ କୀଟମାନଙ୍କର କମ୍ କ୍ଷତି ହୋଇଥାଏ ।

| | |
|---|---|
| ସଂକ୍ଷିପ୍ତ ବାର୍ତା | ମାଟିରେ ଥିବା ବତରକୁ ଉପଯୋଗ କରି ଖରାଟିଆ ଚାଷ କରି ଦିଅନ୍ତୁ ଯଦ୍ଵାରା ଘାସ, ରୋଗ ଓ ପୋକ ଦ୍ବାରା ସଂକ୍ରମଣ ହ୍ରାସ ପାଇବ । |

### ପାଣିପାଗ ଭିତ୍ତିକ କୃଷି ପରାମର୍ଶ:

| ଫସଲ (ଅବସ୍ଥା) | ପରାମର୍ଶ |
|---|---|
| ଡାଲୁଅ ଧାନ<br>(ଫୁଲ/ଶସ୍ୟ ଭରିବା ଅବସ୍ଥା) | ରୋଗ ଓ ପୋକ ପରିଚାଳନା:<br>▪ ପତ୍ରାଛାଦ ପୋଡ଼ା ରୋଗ : ବର୍ତମାନ ଜମିରେ ପତ୍ରାଛାଦ ପୋଡ଼ା ରୋଗର ସଂକ୍ରମଣ ଲକ୍ଷ୍ୟ କରାଯାଉଛି । ଏହି ରୋଗର ନିରାକରଣ ପାଇଁ ୧.୫ ମିଲିଗ୍ରାମ ଆଜୋକ୍ସିଷ୍ଟ୍ରୋବିନ ୧୧% + ଟେବୁକୋନାଜୋଲ ୧୮.୩% ଏସ.ସି. କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>▪ ପତ୍ର ପୋଡ଼ା ରୋଗ: ବର୍ତମାନ ପାଗରେ ବୀଜାଣୁ ଜନିତ ପତ୍ରପୋଡ଼ା ରୋଗ ଦେଖା ଦେଉଅଛି । ଏହାର ନିୟନ୍ତ୍ରଣ ପାଇଁ ୩ ଗ୍ରାମ କପରଅକ୍ସିକ୍ଲୋରାଇଡ ୫୦% ଡବ୍ଲୁ.ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>▪ ମହିଷା ରୋଗ: ମହିଷା ରୋଗର ପ୍ରାଦୁର୍ଭାବ ଦେଖା ଦେଉଥିଲେ ପ୍ରତି ୧୦ ଲିଟର ପାଣିରେ ୪ ଗ୍ରାମ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% ଡବ୍ଲୁ. ଜି. କିମ୍ବା ୧୦ ଗ୍ରାମ କାରବେନଡାଜିମ୍ ୫୦% ଡବ୍ଲୁ.ପି. କିମ୍ବା ୧୦ ମି.ଲି. ଏଡିଫେନୋଫୋସ୍ ୫୦% ଇ.ସି. କୁ ମିଶ୍ରଣ କରି ସିଂଚନ କରନ୍ତୁ।<br>▪<br>▪ କାଣ୍ଡବିନ୍ଧା ବା ଗଣ୍ଡି ପୋକ ଓ ପତ୍ରମୋଡ଼ା ପୋକ: ନିୟନ୍ତ୍ରଣ ପାଇଁ ଏକର ପିଛା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ ୪ଜି କୁ ସମାନ ପରିମାଣର ବାଲି ସହିତ ମିଶାଇ ଜମିରେ ପ୍ରୟୋଗ କରନ୍ତୁ ନଚେତ ୩ ମି.ଲି କ୍ଲୋରାନ୍ଟ୍ରାନିଲିପ୍ରୋଲ |

| | |
|---|---|
| | ୧୮.୫% ଏସ.ସି କିମ୍ବା ୧ ମି.ଲି ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ.ସି କୁ ପ୍ରତି ୧୦ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ। |
| **ମୁଗ ଓ ବିରି**<br>(ପାକଳ ଅବସ୍ଥା/ଅମଳ ଅବସ୍ଥା) | ଅମଳ ପରବର୍ତୀ ଯତ୍ନ<br>▪ ୭୫ ରୁ ୮୦ ଭାଗ ଛୁଇଁ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ ଏବଂ ଅମଳ ପରେ ମଞ୍ଜିକୁ ଖରାରେ ଭଲଭାବରେ ଶୁଖାନ୍ତୁ ଯେପରିକି ମଞ୍ଜିରେ ୮ ରୁ ୧୦ ଭାଗ ଜଳୀୟ ଅଂଶ ରହିବ ।<br>▪ ଅମଳ ହେଇଥିବା ମଞ୍ଜିକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ । ପୋକ ଦାଉରୁ ସୁରକ୍ଷିତ ରଖିବା ପାଇଁ ପ୍ରତି ଏକ କିଲୋଗ୍ରାମ ମଞ୍ଜି କୁ ୨ ମିଲି ସୋରିଷ ତେଲ ସହିତ ଭଲ ଭାବରେ ମିଶାଇ ରଖନ୍ତୁ ।<br>▪ ଛୁଇଁ ଅମଳ ପରେ ଗଛ ଗୁଡ଼ିକୁ ମାଟିରେ ଚାଷ କରି ମିଶାଇ ଦିଅନ୍ତୁ । ଏହାଦ୍ବାରା ମାଟିର ଉର୍ବରତା ବଢିଥାଏ । |
| **ଚିନାବାଦାମ**<br>(ଫଳ ଧରିବା ଅବସ୍ଥା/ପାକଳ) | ▪ ମାଟିରେ ଜଳୀୟଅଂଶ ନଥିଲେ ଅମଳ ପୂର୍ବରୁ ହାଲୁକା ଜଳସେଚନ କରନ୍ତୁ ଯଦ୍ୱାରା ଅମଳ ବେଳେ ଖୋସା ଛିଡ଼ିଯାଇ ମାଟିରେ ରହି ନଥାଏ ଏବଂ ସହଜରେ ଗଛ ଉପାଡ଼ି ହେଇଯାଏ।<br>▪ ବାଦାମ ଗଛ ଉପାଡ଼ି ଫଳକୁ ତୁରନ୍ତ ଅଲଗା ନକରି ଜମିରେ ୫ ରୁ ୭ ଦିନ ଶୁଖାଇ ରଖିଲେ ଗଛରେ ଥିବା ସଂଗୃହୀତ ଖାଦ୍ୟ ଫଳ ମଧ୍ୟକୁ ପ୍ରବେଶ କରି ଦାନାର ଓଜନ ବଢାଇ ଥାଏ ।<br>ରୋଗ ପରିଚାଳନା:<br>▪ ଟୀକ୍କା ରୋଗ: ଟୀକ୍କା ରୋଗର ପ୍ରତିକାର ପାଇଁ ୩ ଗ୍ରା. ମାଂକୋଜେବ ୭୫ % ଡବ୍ଲୁ.ପି କିମ୍ବା ୧ ମି.ଲି ଟେବୁକୋନାଜୋଲ ୨୯.୫ % ଇ.ସି କିମ୍ବା ୨ ଗ୍ରାମ କାରବେନଡାଜିମ ୫୦% ଡବ୍ଲୁ.ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **ଭେଣ୍ଡି**<br>(ଫୁଲ/ଫଳ ଧରିବା ଅବସ୍ଥା/ପାକଳ ଅବସ୍ଥା) | ରୋଗ ପରିଚାଳନା:<br>▪ ପାଉଁଶିଆ ରୋଗ : ବର୍ତମାନ ପାଗରେ ଭେଣ୍ଡି ପତ୍ରରେ ପାଉଁଶିଆ ରୋଗର ସଂକ୍ରମଣ ଦେଖା ଦେଇପାରେ । ପତ୍ରରେ ସଂକ୍ରମଣର ଲକ୍ଷଣ ଦେଖାଗଲେ ୪ ଗ୍ରାମ ସଲଫର ୮୦% ଡବ୍ଲୁ.ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **କଖାରୁ ଜାତୀୟ (କଖାରୁ, କାକୁଡ଼ି, ଲାଉ, ପାଣିକଖାରୁ, କଲରା, ପୋଟଳ ଇତ୍ୟାଦି)**<br>(ଫୁଲ/ଫଳ ଧରିବା ଅବସ୍ଥା/ପାକଳ ଅବସ୍ଥା) | ରୋଗ ପରିଚାଳନା:<br>▪ ପାଉଁଶିଆ ରୋଗ : ବର୍ତମାନ ପାଗରେ ପାଉଁଶିଆ ରୋଗର ସଂକ୍ରମଣ ଦେଖା ଦେଇପାରେ । ପତ୍ରରେ ସଂକ୍ରମଣର ଲକ୍ଷଣ ଦେଖାଗଲେ ୦.୫ ଗ୍ରାମ କାରବେନଡାଜିମ ୫୦% ଡବ୍ଲୁ.ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **ପିଆଜ**<br>(ଫଳ ଧରିବା ଅବସ୍ଥା/ପାକଳ ଅବସ୍ଥା) | ▪ ଫଳ ବିକଶିତ ହେବା ସମୟରେ ପାଣିର ଅଭବାକୁ ଦୂର କରନ୍ତୁ ।<br>▪ ଅମଳ ଉପଯୁକ୍ତ ହୋଇଯାଇଥିଲେ ଅମଳର ଅନୂନ୍ୟ ୧୫ ଦିନ ପୂର୍ବରୁ ଜଳସେଚନ ସ୍ଥଗିତ ରଖନ୍ତୁ । ଅମଳ ପରବର୍ତୀ ଗଜା ହେବାକୁ ରୋକିବା ପାଇଁ ଅମଳ ହେଇଥିବା ପିଆଜରେ କୁ ଭଲ ବାୟୁ ଚଳଚଳ ହେଉଥିବା ସ୍ଥାନରେ ରଖନ୍ତୁ ।<br>ରୋଗ ପରିଚାଳନା:<br>▪ ବାଇଗଣି ଦାଗ (ପରପଲ ବ୍ଲୋଚ୍) : ଏହି ରୋଗର ନିୟନ୍ତ୍ରଣ ପାଇଁ ଡାଇଫେନୋକୋନାଜୋଲ୍ ୨୫% ଇ.ସି କିମ୍ବା ଟେବୁକୋନାଜୋଲ୍ ୨୫.୯% ଇ.ସି କିମ୍ବା କିଟାଜିନ୍ ୪୮% ଇ.ସି କୁ ୧ ମିଲିଗ୍ରାମ ହିସାବରେ ପ୍ରତି ଏକ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ ।<br>▪ ଉକୁଣିଆ ପୋକ: ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି କିମ୍ବା ପ୍ରତି ୪ ଲିଟର ପାଣିରେ ୧ ଗ୍ରାମ ଏସିଡାମିପ୍ରିଡ୍ ୨୦% ଏସ.ପି. କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ । |
| **ପଶୁପାଳନ:** | |
| **ଗାଈ ଓ ମଇଁଷି** | ▪ ଦିନର ତାପମାତ୍ରା ବୃଦ୍ଧି ପାଉଥିବାରୁ ଭାରବାହୀ ପଶୁ ମାନଙ୍କୁ ଖରାରେ କାମ କରିବାରୁ ନିବୃତ କରନ୍ତୁ । ଦୁଧିଆଳୀ ଗାଈ ଓ ମଇଁଷି ମାନଙ୍କୁ ଦିନ ୧୦ ଟା ପରେ ବାହାରକୁ ଚରିବାକୁ ଛାଡ଼ନ୍ତୁ ନାହିଁ । ପୁନର୍ବାର ଅପରାହ୍ନ ୪ ଟା ପରେ ଛାଡ଼ନ୍ତୁ। ବର୍ତମାନର ପାଗକୁ ଦୃଷ୍ଟିରେ ରଖି ଦୁଧିଆଳୀ ଗାଈ ଓ ମଇଁଷି ମାନଙ୍କୁ ଦିନବେଳା ଦୁଇ ରୁ ତିନି ଥର ତାଙ୍କ ଉପରେ ପାଣି ସିଞ୍ଚନ କରି ଓଦା କରନ୍ତୁ।<br>▪ ପ୍ରଚୁର ମାତ୍ରାରେ ନିର୍ମଳ ତଥା ଥଣ୍ଡା ପାନୀୟ ଜଳ ଦେବାର ବ୍ୟବସ୍ଥା କରନ୍ତୁ । |
| **ଛେଳି ଓ ମେଣ୍ଢା** | ▪ ବର୍ତମାନ ର ପାଗକୁ ଲକ୍ଷ୍ୟ କରି ବାହାରକୁ ଚରାଇବାକୁ ନେଉଥିବା ଛେଳି ଓ ମେଣ୍ଢା ମାନଙ୍କୁ ଦିନ ୧୦ ଟା ପୂର୍ବରୁ ଗୁହାଳକୁ |

| | |
|---|---|
| | ନେଇ ଆସନ୍ତୁ ଓ ଅପରାହ୍ନ ୪ଟା ପରେ ପୁନର୍ବାର ଚରାଇବାକୁ ଛାଡ଼ନ୍ତୁ। ପ୍ରାଣୀମାନେ ରହୁଥିବା ଗୁହାଳକୁ ଦିନବେଳା ପରଦା ଦ୍ବାରା ଆବୃତ୍ତ କରନ୍ତୁ ଓ ରାତ୍ରି ସମୟରେ ବାୟୁ ଚଳଚଳ ପାଇଁ ପରଦାକୁ କାଢି ଦିଅନ୍ତୁ । |
| **କୁକୁଡ଼ା** | ▪ ଦିନର ତାପମାତ୍ରା ବୃଦ୍ଧି ପାଉଥିବା ହେତୁ କୁକୁଡ଼ା ଘରକୁ ଯଥା ସମ୍ଭବ ଥଣ୍ଡା ରଖିବା ପାଇଁ ଯତ୍ନଶୀଳ ହୁଅନ୍ତୁ । କୁକୁଡ଼ା ମାନଙ୍କୁ ଉପଯୁକ୍ତ ପରିମାଣର ଦାନା ଓ ପନୀୟ ଜଳ ପ୍ରଦାନ କରନ୍ତୁ ।<br>▪ ବର୍ତମାନ ପାଗରେ କୁକୁଡ଼ା ରଖୁଥିବା ଘରକୁ ଦିନବେଳା ପରଦା ଢାଙ୍କି ଗରମ ପବନରୁ କୁକୁଡ଼ା ମାନଙ୍କୁ ରକ୍ଷା କରନ୍ତୁ। ଆବଶ୍ୟକ ସ୍ଥଳେ କୁକୁଡ଼ା ମାନଙ୍କ ଉପରେ ଦିନରେ ୨ ରୁ ୩ ଥର ପାଣି ସିଞ୍ଚନ କରନ୍ତୁ। |
| **ମତ୍ସ୍ୟ ଚାଷ** | ▪ ବର୍ଷିକିଆ ଯାଆଁଳ ଉତ୍ପାଦନ ପାଇଁ ପୋଖରୀକୁ ପାଣି ଯୋଗାଇବା ପାଇଁ ନିକଟରେ ନଳକୂପ କିମ୍ବା ସେହିପରି ଅନ୍ୟ ଉତ୍ସ ରହିବା ସହିତ ଖରାଦିନେ ୪ ରୁ ୫ ଫୁଟ ପାଣି ରହୁଥିବା ପୋଖରୀକୁ ଚୟନ କରନ୍ତୁ।<br>▪ ବର୍ଷିକିଆ ଯାଆଁଳ ଉତ୍ପାଦନ ପାଇଁ ୧ ଏକର ପୋଖରୀ ପିଛା ୨ ଲକ୍ଷ ଯାଆଁଳ ମଧ୍ୟରେ ୨୦% କାତଲା, ୫୦% ରୋହି ଓ ୩୦% ମିରୀକାଳି ରହିବା ଆବଶ୍ୟକ। |

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।
କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).
ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**